# Akashvani, Sambalpur

## SAMBALPURI NEWS BULLETIN

### 1 January 2025- 6.47- 6.52 am.

**************************************************

ନୂଆଁ ବଛର୍ ଅଭିନନ୍ଦନ ଆର୍‌ଏନ୍‌ୟୁ /ସମ୍ବଲପୁର୍

ସାରା ରାଏଜେ ଆଏଜ୍ ଇଂରାଜୀ ନୂଆଁ ବଛର୍ ୨୦୨୫ ବହୁତ୍ ଉସ୍‌ନାକିଥି ପାଲନ କରାଯାଉଛେ । ଇ ଅବସ୍‌ରେ ଗଲା ଅଧାରାତି ନୁ ନୂଆଁ ବଛର୍‌କେ ସ୍ୱାଗତ୍ ଜନେଇ କରି ଭିନ୍ ଭିନ୍ ଅନୁଷ୍ଠାନ, ସଂଗଠନ, ବ୍ୟକ୍ତିବିଶେଷଙ୍କର ତରଫୁ କାର୍ଯ୍ୟକ୍ରମ ମାନ୍ ଆୟୋଜନ୍ କରାଯାଇଛେ । ଆଏଜ୍ ଭୋର୍‌ନୁ ଲୁକେ ଭିନ୍ ଭିନ୍ ଦେବାଦେବୀଙ୍କର ମନ୍ଦିର ଯାଇ କରି ସେନ ପୂଜାର୍ଚ୍ଚନା କରୁଛନ୍ । ଇତାର୍ ଛଡ଼ା ଲୁକେ ନିଜର୍ ନିଜର୍ ଭିତ୍‌ରେ ନୂଆଁ ବଛର୍‌ର ଅଭିନନ୍ଦନ ଦିଆନିଆ କରୁଛନ୍ । ଶ୍ରୀକ୍ଷେତ୍ର ପୁରୀ ନ ନୂଆଁ ବଛର୍ ଲାଗି ପର୍ଯ୍ୟଟକଙ୍କର ଭିଡ଼ ଲାଗି ରହିଛେ । ଶ୍ରୀମନ୍ଦିର ନ ରାତି ୧୨ ବଜେନୁ ମନ୍ଦିର୍ ନ ଭକ୍ତମାନେ ଶ୍ରୀ ଜୀଉମାନ୍‌କର୍ ଦର୍ଶନ୍ କରୁଛନ୍ । ଶୃଙ୍ଖଳିତ ଦର୍ଶନ୍ ଲାଗି

ଜିଲ୍ଲା ପ୍ରଶାସନ ତରଫୁ ମାର୍କେଟ୍ ଛକ୍‌ନୁ ସିଂହଦୁଆର୍ ତକ୍ ବଡ଼ଦାଣ୍ଡ ନ ବେରିକେଡ଼ ବ୍ୟବସ୍ଥା କରାଯାଇଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଁ ବଛର୍ ଅବସ୍‌ରେ ରାଜ୍ୟବାସୀଙ୍କର୍ ଶୁଭକାମନା କରିଛନ୍ । ମହାପ୍ରଭୁଙ୍କର ଆଶିର୍ବାଦ ସବ୍‌କର୍ ଜୀବନ୍‌ଥି ସୁଖ ଆର୍ ସମୃଦ୍ଧି ଭରି ଦଉ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଲ୍ ଇଂରାଜୀ ନୂଆଁ ବଛର୍ ଅବସ୍‌ରେ ଓଡ଼ିଶା ସହେତେ ଦେଶବାସୀଙ୍କୁ ଅଭିନନ୍ଦନ ଜନେଇ କରି ସୂର୍ଯ୍ୟାସ୍ତ ସବୁବେଲେ ଗୁଟେ ନୂଆଁ ପ୍ରାରମ୍ଭର ପ୍ରତିଶ୍ରୁତି ନେଇକରି ଆଇସି ଆଉ ନୂଆଁ ବଛର୍ ସମସ୍ତଙ୍କର ଲାଗି ସମ୍ଭାବନା ଆଉ ପ୍ରଗତିର ବଛର୍ ହେଉ ବଲି କହିଛନ୍ ।

ପ୍ରବାସୀ ଭାରତୀୟ ଦିବସ I&PR

ଜାନୁଆରୀ ୮ ନୁ ୧୦ ତାରିଖ୍‌ତକ୍ ଭୁବ୍‌ନେଶ୍ୱର୍ ଠାନେ ହେବାର୍‌କେ ଯାଉଛେ ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ । କାର୍ଯ୍ୟକ୍ରମ୍‌ର ପ୍ରସ୍ତୁତିକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍

ମାଝୀ ଗଲାକାଏଲ୍ ସଞ୍ଜ୍‌ବେଲେ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ ।

ଭୁବ୍‌ନେଶ୍ୱର୍ ଜନତା ମଇଦାନ୍‌ଠାନେ ହେବାର୍‌କେ ଥିବା ପ୍ରବାସୀ ଭାରତୀୟ ଦିବସ୍ ସମାରୋହଥି ଦେଶ୍ ବିଦେଶ୍‌ନୁ ୭ ହଜାର୍‌ନୁ ଅଏତ୍‌କା ଅତିଥି ଯୋଗ୍ ଦେବେ । ମୁଖିଆକୁନୁଆଁ ହିସାବେ ତ୍ରିନିଦାଦ ଆଉ ଟୋବାଗୋ ର ରାଷ୍ଟ୍ରପତି ଯୋଗ୍ ଦେବେ । ସମାରୋହଥି ସୁରକ୍ଷା ବ୍ୟବସ୍ଥା ତଦାରଖ୍ ଲାଗି ହାଇ ସିକ୍ୟୁରିଟି ଫୋର୍ସ, ୨ ଶହ ୫୦ ଟ୍ରାଫିକ୍ ନିୟନ୍ତ୍ରଣ୍‌କାରୀ ଶହେ ୪୦ ଲିଆଜିନିନ୍ ଅଫିସର୍‌ଙ୍କୁ ନିୟୋଜିତ କରାଯାଇଛେ ।

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍‌ଠାନୁ ରାଜ୍ୟସାରା ସଡ଼କ୍ ସୁରକ୍ଷା ସପ୍ତାହ ପାଲନ୍ କରାଯିବା । ସଡ଼କ୍ ନ ଦୁର୍ଘଟଣାକେ ରୁକ୍‌ବାର୍ ସହେତେ ଟ୍ରାଫିକ୍ ନିୟମ୍‌କେ ପାଲନ୍ କର୍‌ବାର୍ ଲାଗି ଛାତ୍ରଛାତ୍ରୀଙ୍କର୍‌ନୁ ନେଇକରି ସର୍‌କାରୀସ୍ତର୍ ଆର୍ ଭିନ୍ ଭିନ୍ ସଂଗଠନ୍ ତର୍‌ଫୁ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା । ଜିଲ୍ଲାସ୍ତରଥି ଆଂଚଲିକ୍ ପରିବହନ୍ କାର୍ଯ୍ୟାଳୟ ଆର୍ ପୁଲିସ୍‌ର ମିଳିତ୍ ସହଯୋଗ୍‌ଥି ଭିନ୍

ଭିନ୍ ସଚେତନତାମୂଲକ୍ ସଡ଼କ୍ ସୁରକ୍ଷା କାର୍ଯକ୍ରମ୍‌ମାନ୍ ଆୟୋଜନ୍ କରାଯିବା ।

ଜନଜାତି ଉପଦେଷ୍ଟା ପରିଷଦ୍ ବୈଠକ୍   ସିଏମ୍ଓ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଜନଜାତି ଉପଦେଷ୍ଟା ପରିଷଦ୍‌ର ପହେଲା ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଇ ପରିଷଦ୍ ଗଲା ନଭେମ୍ବର୍ ମାସେ ଗଠିତ୍ ହେଇଥିଲା । ଇତାର୍ କାର୍ଯ୍ୟକାଳ ୨ ବରସ୍ ରଖାଯାଇଛେ । ପରିଷଦ୍ ବୈଠକ୍‌ଥି ୧୯୫୬ ଜମିଜମା ହସ୍ତାନ୍ତର୍ ଆଇନ୍‌ର ନିୟମାବଲୀ ୨ ର ସଂଶୋଧନ୍ ପ୍ରସ୍ତାବ୍‌କେ ନାମଞ୍ଜୁର୍ କରାଯାଇଛେ । ବୈଠକ୍‌ଥି ମୁଣ୍ଡାରୀ ଭାଷାକେ ସମ୍ବିଧାନ୍‌ର ଅଷ୍ଟମ ଅନୁଚ୍ଛେଦ୍‌ଥି ସାମିଲ୍ କର୍‌ବାର୍ ଲାଗି ଭିଲ୍ ପ୍ରସ୍ତାବ୍ ଗୃହିତ୍ ହେଇଛେ । ଇତାର୍‌ଛଡ଼ା ଅଲ୍‌ଗା ଜନଜାତି ଭାଷାକେ ଅଷ୍ଟମ ଅନୁଚ୍ଛେଦ୍‌ଥି ସାମିଲ୍ କର୍‌ବାର୍ ଲାଗି ଭିଲ୍ ବୈଠକ୍‌ଥି ଆଲୋଚନା ହେଇଛେ ।

ବିମାନ୍ ସେବା        ଆର୍‌ଏନ୍‌ୟୁ / ସମ୍ବଲପୁର

ଝାର୍‌ସୁଗୁଡ଼ାନୁ ଆଏଜ୍‌ଠାନୁ ଦେଶର୍ ହାଇଦ୍ରାବାଦ୍, ରାୟପୁର୍, ଲକ୍ଷ୍ନୌକେ ସିଧାସଲଖ୍ ବିମାନ୍ ସେବା ମୁଲ୍ ହେଉଛେ । ଆଏଜ୍‌ଠାନୁ ମୁଲ୍ ହେଇଥିବା ବିମାନ୍‌ସେବାଥି ଝାର୍‌ସୁଗୁଡ଼ା-ହାଇଦ୍ରାବାଦ୍ ଭିତ୍‌ରେ ଫି' ଦିନ ଇ ବିମାନ୍ ଚାଲ୍‌ବା । ସେନ୍ତା ଫି' ସୋମ୍‌ବାର୍, ବୁଧବାର୍, ଶୁକ୍ରବାର୍ ଆର୍ ରଏବାର୍ ଦିନ ଝାର୍‌ସୁଗୁଡ଼ା-ରାୟପୁର୍ ଭିତ୍‌ରେ ଆଉ ସବୁ ମଙ୍ଗଲ୍‌ବାର୍, ଗୁରୁବାର୍ ଆର୍ ଶନିବାର୍ ଦିନ ଝାର୍‌ସୁଗୁଡ଼ା-ଲକ୍ଷ୍ନୌ ଭିତ୍‌ରେ ଇ ବିମାନ୍ ଚଲାଚଲ୍ କର୍‌ବା ।

ସେଆଡ଼େ ଆଏବା ୩ ତାରିଖ୍ ଶୁକ୍ରବାର୍ ନୁ ଫି' ଦିନ ଭୁବ୍‌ନେଶ୍ୱର-କୋଚି, ସବୁ ସୋମ୍‌ବାର୍, ବୁଧବାର୍, ଶୁକ୍ରବାର୍ ଆର୍ ରଏବାର୍ ଦିନ ଭୁବ୍‌ନେଶ୍ୱର୍-ଜୟପୁର୍ ଆଉ ଆଏବା ୪ ତାରିଖ୍ ଶନିବାର୍ ଦିନୁ ଫି ମଙ୍ଗଲ୍‌ବାର୍, ଗୁରୁବାର୍ ଆର୍ ଶନିବାର୍ ଦିନ ଭୁବ୍‌ନେଶ୍ୱର୍- ଲକ୍ଷ୍ନୌ ଭିତ୍‌ରେ ବିମାନ୍ ଚଲାଚଲ୍ କର୍‌ବା ବଲି ସୂଚ୍‌ନା ମିଲିଛେ । ବିମାନ ସେବା କମ୍ପାନୀ ଷ୍ଟାର୍ ଏୟାର୍ ଆର୍ ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍ ତର୍‌ଫୁ ଇ ସେବା ପ୍ରଦାନ୍ କରାଯିବା ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ଆଏଜ୍ ୫ ନମ୍ବର୍ ଦିନେ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ ଆର୍ ଟିମ୍ ଗୋନାସିକା ଦଲ୍ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ହାଇଦ୍ରାବାଦ୍ ତୋଫାନ୍ସ ଦଲ୍ ୫-୪ ସୁଟ୍‌ଆଉଟ୍‌ଥି ଦିଲ୍ଲୀ ଏସ୍‌ଜି ପାଇପର୍ସକେ ହରେଇଛେ ।

ଗଙ୍ଗାଧର୍ ଜାତୀୟ କବିତା ସମ୍ମାନ  ଆର୍‌ଏନ୍‌ୟୁ / ସମ୍ବଲପୁର

ଇ ବଛର୍ ମର୍ଯ୍ୟାଦଜନକ୍ ଗଙ୍ଗାଧର୍ ଜାତୀୟ କବିତା ସମ୍ମାନ୍ ପୁରସ୍କାର୍ ବିଶିଷ୍ଟ କବି ପ୍ରତିଭା ଶତ୍‌ପଥୀଙ୍କୁ ଦିଆଯିବା । ଆଏବା ଜାନୁଆରୀ ୫ ତାରିଖ୍ ଦିନ ହେବାର୍‌କେ ଥିବା ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟ ଥାପ୍‌ନା ଦିବସ୍ ଅବ୍‌ସରେ ଇ ପୁରସ୍କାର୍ ପ୍ରଦାନ୍ କରାଯିବା ବଲି ବିଶ୍ୱବିଦ୍ୟାଲୟ କୁଳସଚିବ ଡକ୍ଟର୍ ନୃପରାଜ୍ ସାହୁ ସୂଚ୍‌ନା ଦେଇଛନ୍ ।